ନୀଳ କ'ଣ ?

ରହସ୍ୟ ? ନା ଗାଇଡାନ୍ସ ?

ସେହି ଚମତ୍କାର ନୀଳ ଶାଢ଼ିର ଆବେଶ-ଆକର୍ଷଣ ଏଯାଏ ମୋତେ ଘାରିରହିଛି କି ? ମୋଟର ସାଇକେଲ କେଉଁଠି ଅଦୃଶ୍ୟ ହୋଇଗଲାଣି । ତା' ପଛରେ ସେହି ନୀଳଶାଢ଼ି ପିନ୍ଧା, ନୀଳ ଶାଲ୍ ଢଙ୍କା ନାରୀ ମଧ୍ୟ ଅଦୃଶ୍ୟ । ତଥାପି ସେହି ଆବେଗ-ଆକର୍ଷଣ ଯେମିତି ମୋ ଆଖିରେ ଢାଙ୍କିଛି ଗୋଟେ ନୀଳ ପରଳ । ସେଥିପାଇଁ ଜ୍ଞାନରଞ୍ଜନ ଦିଶୁଛି ନୀଳ ?

ଜ୍ଞାନରଞ୍ଜନ କହିଲା– "ପଦ୍ମଫୁଲ ଆଣିଥିଲି ତୁମ ପୂଜା ପାଇଁ ।"

ମୋ ପୂଜା ? ମୁଁ ଚମକି ପଡ଼ିଲି ।

କହିଲି, "ବୁଦ୍ଧ-ପୂଜା ସରିଗଲାଣି ।"

ଜ୍ଞାନରଞ୍ଜନ କହିଲା, "ତଥାପି ଏତିକି ଅର୍ପଣ କରିହେବ ନାହିଁ ? ଫୁଲ ଦେଇହେବ ନାହିଁ ?"

"ନା, ଗଛରୁ ଫୁଲତୋଳି ପୂଜା କରାଯାଏନା । ଝଡ଼ିପଡ଼ିଥିବା ଫୁଲଗୁଡ଼ିକୁ ସାଉଁଟି ନେଇ ଆମେ ପୂଜା କରୁ । କାରଣ ଫୁଲ ତୋଳିଲେ ଗଛ ପ୍ରତି ହିଂସା ହେବ । ଗୋଟେ ନିରୀହ ପ୍ରାଣର ବଳି ପଡ଼ିବା ପରି ହେବ ।"

"ଫେରେଇ ନେବି ?" ସେ ପଚାରିଲା ।

"ହଁ," ମୋ ନିଜ କଣ୍ଠସ୍ୱର ନିଜକୁ ଶୁଭିଲା କଠୋର ।

ସଧର୍ମ ସ୍କୁଲରୁ ମୋ ଘର ପର୍ଯ୍ୟନ୍ତ ତେର ମିନିଟ୍‌ର ରାସ୍ତା ଅତିକ୍ରମ କରିବା ବେଳକୁ ବୋଧେ ଲକ୍ଷେ/ଦିଲକ୍ଷ ଭାବନା ମୋ ମନ ଭିତରକୁ ଉର୍ମିଳ କରି ରଖିଥିଲା । ସେ ଭାବନା ଏମିତି ମଧ୍ୟ ଗୋଟାଳି ବାନ୍ଧିପାରେ ଯେ ପଦ୍ମକୁ ଗ୍ରହଣ କରିହେବନାହିଁ ।

ପଦ୍ମ ଯିଏ, ଜ୍ଞାନ ନୁହଁ ।

ପଦ୍ମ ହେଉଛି ଭକ୍ତି, ପ୍ରେମ, ସମର୍ପଣର ପ୍ରତୀକ ।

ହେଇଥାଉ ପଛେ ନୀଳପଦ୍ମ – ତାହା ଜ୍ଞାନ ନୁହେଁ ।

ଯେଉଁ ଅଞ୍ଜୁଳିରେ ମୁଁ ଜ୍ଞାନର ପ୍ରଦୀପକୁ ବଢ଼େଇ ଦେଉଛି ଅନ୍ୟ ଜଣେ ବ୍ୟକ୍ତିଙ୍କ ହାତକୁ ସେହି ଅଞ୍ଜୁଳିରେ ଭରିନେବି ପ୍ରେମ ? ଅର୍ପଣ କରିବି ବୁଦ୍ଧଙ୍କୁ ? ମୋ ନିଜର ଅସ୍ତିତ୍ୱ ପ୍ରତି ମୁଁ ଯେମିତି ଅବିଶ୍ୱସ୍ତ ହୋଇଯିବି ।

ନୋଜି କହୁଥିଲେ, "ଲୋକମାନେ ମୋତେ ଏତେ ଭଲପାଆନ୍ତି ଯେ ଗୁଡ଼ିଏ ଉପହାର ଦିଅନ୍ତି । ଶ୍ରଦ୍ଧାର ଉପହାରଗୁଡ଼ିକୁ ମୁଁ ଫେରାନ୍ତି କେମିତି ?" ସେଥିପାଇଁ ମୁଁ ରାସ୍ତାରେ ବାହାରିବା ମାତ୍ରେ ଯାହାକୁ ସାମ୍ନାରେ ଦେଖେ ପଚାରେ, ଦେଖ ତ କେମିତି ହୋଇଛି ?

ଭଲ ହୋଇନି ?

ସେ ଯଦି ଖୁସି ହୋଇ ମଥା ହଲାଏ, ହଁ କହେ, ମୁଁ ସଙ୍ଗେ ସଙ୍ଗେ ବସ୍ତୁଟିକୁ ତାକୁ ଉପହାର ରୂପେ ଦେଇଦିଏ ।

ନୋଜି ମୋତେ ଗୋଟେ ଛୋଟ ଟର୍ଚ୍ଚ ଉପହାର ଦେଲେ ।

ସେଇଟିକୁ ମୁଁ ଏହା ଭିତରେ କାହା ହାତକୁ ଉପହାର ରୂପେ ବଢ଼େଇ ଦେଉଛି ।

ଆଉ ଏବେ ଭାବୁଛି କାହାକୁ ଦେବି ଜ୍ଞାନରଞ୍ଜନକୁ ?

ସେ କ'ଣ ସମୟର ଦାନ ନା କେଉଁ ଗ୍ରହର ସନ୍ତୋଷ କି ରୋଷର ଅବଦାନ ?

କାହାକୁ ନା କାହାକୁ ଦେଇଦେବାକୁ ହେବ ।

ନଚେତ୍ ଶେଷଯାଏ ଏ ଗୋଟେ ବୋଝ ହୋଇ ରହିଥିବ ମୋ ଉପରେ । ପ୍ରତି ଆଟାଚ୍‌ମେଣ୍ଟ ଯେ ଏକ । ପ୍ରତ୍ୟେକ ମୋହ, ପ୍ରତିଟି ଆସକ୍ତି ଆମକୁ ଜଡ଼ିତ କରିରଖେ । ଏହା ମଧ୍ୟ ଗୋଟେ ବୋଝ ଯେ ।

୨

ଘରେ ପହଞ୍ଚିବା ବେଳକୁ ମୋର ତାଲାବନ୍ଦ ଗ୍ରୀଲ ସମ୍ମୁଖରେ ଛିଡ଼ା ହୋଇଛି ସୁବିଦ୍ୟା । ଦିନେ ସେ ଦିବ୍ୟଦର୍ଶୀ ଥିଲା । ସେ ଥିଲା ପୁଅଟିଏ । କିନ୍ତୁ ଏବେ ସେ ସୁବିଦ୍ୟା । ଅସ୍ତ୍ରୋପଚାର ପରେ ଝିଅଟିଏ ପାଲଟିଛି ଅନେକ ଦିନରୁ । ସୁବିଦ୍ୟା କହିଲା ସେ ଗୋଟେ ଗବେଷଣା କରୁଛି । ବୁଦ୍ଧଙ୍କ ସହିତ ପଦ୍ମକୁ ଯୋଡ଼ିବା କେବେଠାରୁ ଆରମ୍ଭ ହୋଇଛି, ତାହା ହିଁ ସେ ଖୋଜୁଛି ।

"ଅର୍ଥାତ୍ ?" ମୁଁ ପଚାରିଲି ।

ବହୁ ବୁଦ୍ଧ ମୂର୍ତ୍ତିରେ ପଦ୍ମ ଅଛି । ବୁଦ୍ଧ ଓ ବୋଧିସତ୍ତ୍ୱମାନେ ପଦ୍ମ ଉପରେ ବସିଥାଆନ୍ତି, ହାତରେ ପଦ୍ମ ଧରିଥାଆନ୍ତି । ଅମିତାଭ ବୁଦ୍ଧ ପଦ୍ମ ଉପରେ ଛିଡ଼ା ହୋଇଛନ୍ତି । ଏମିତି କେତେଗୁଡ଼ିଏ ମୂର୍ତ୍ତି ମୋ ମନ ଭିତରକୁ ମଧ୍ୟ ଆସିପାରିଥିଲା । ତଥାପି ମୁଁ ଜାଣିବାକୁ ଚାହୁଁଥିଲି କ'ଣ କରୁଛି ସୁବିଦ୍ୟା ।

ସୁବିଦ୍ୟା କହିଲା– "ବୌଦ୍ଧଧର୍ମରେ ପଦ୍ମ ହେଉଛି ଆତ୍ମବିଶ୍ୱାସ, ଶୁଦ୍ଧତା ଓ ଆଲୋକପ୍ରାପ୍ତିର ପ୍ରତୀକ । ଏମିତିକି ପଦ୍ମ ମଧ୍ୟ ପୁନର୍ଜନ୍ମର ପ୍ରତୀକ । କୁହାଯାଏ ବୁଦ୍ଧ ହାତରେ ଏକ ସ୍ୱର୍ଣ୍ଣ ପଦ୍ମ ଧାରଣ କରି ନିରବ ଧର୍ମଶିକ୍ଷା ପ୍ରଦାନ କରିଥିଲେ । ସେହି ନିରବତାରେ ହିଁ ତାଙ୍କର ଧର୍ମକାୟାର ପବିତ୍ର ଧର୍ମରଶ୍ମି ବିଚ୍ଛୁରିତ ହୋଇଥିଲା ଓ ଶିଷ୍ୟମାନଙ୍କୁ ଦ୍ରବୀଭୂତ କରିଥିଲା ।"

ସୁବିଦ୍ୟାର ଧାଡ଼ିଧାଡ଼ି ବାକ୍ୟ ମୋ ଭିତରେ କିଛି ଗୋଟେ ଭୁଲିଯାଇଥିବା କଥା ମନେପକାଇଦେଲା । ମୁଁ ମୋର ପୋର୍ଟିକୋ ଆଡ଼କୁ ଚାହିଁଥିଲି । ସେଠି ମାଡ଼ିଥିଲା ତମାଳ ଲଟା ପୁଣି ମଧୁମାଳତୀ ଲତା । ମୋ ଭିତରେ ଜ୍ଞାନରଞ୍ଜନର ସେହି ଆଖି ଦୁଇଟି ଦିଶୁଥିଲା, ଯାହା ଥିଲା ଆଶଙ୍କାରେ ଓଜନିଆ । ଝରିପଡୁଥିବା ଶ୍ରଦ୍ଧାଧାରା ଭଳି ନୋଜିଙ୍କର ଦୁଇଧାଡ଼ି ଲେଖା ମନେପଡୁଥିଲା ।

"ତୁମ ସହିତ ପ୍ରଥମ ଥର ପାଇଁ ଦେଖାହେଲା ।

ମୋର ମନେହେଲା ତୁମର ମନ ମୁକ୍ତ..."

ନୋଜିଙ୍କର ଶ୍ୱେତମର୍ମର ଆବରଣ ଯେମିତି ଏକ ଆତ୍ମୀୟତାରେ ଉଜ୍ଜ୍ୱଳ ଦିଶୁଛି । ତଥାପି ମୁଁ ଭାବୁଛି, 'ଏହି ମୁକ୍ତ ମନକୁ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ କେମିତି ମୁଁ କଷ୍ଟଦିଏ, ତାହା କ'ଣ ଆପଣ ଜାଣନ୍ତି ନୋଜି ମ୍ୟାଡ଼ାମ୍ ?'

ପଦ୍ମଫୁଲଗୁଡ଼ିକୁ ହାତରେ ଧରି ଜ୍ଞାନରଞ୍ଜନ ପଚାରିଥିଲା ଫେରେଇନେବି ?

ମୁଁ କହିଲି ହଁ ।

ମୋର ନିଜ ସ୍ୱର ମୋତେ କଠୋର ଲାଗିଲା । ଏତେ କଠୋର ଯେ, ସେଥିରେ ଯାହାକିଛି ବାଜିବ, ତାହା ଛିନ୍ନଛତ୍ର ହୋଇଯିବ । ଏବେ ଭାବୁଛି